# BSKY NABIN CARD



" EVERY LIFE IS PRECIOUS "

Chief Minister, Odisha




## BSKY EXISTING

- For existing beneficiaries having BSKY SMART CARD or RATION CARD, their eligibility and entitlements will not change. They need not apply for BSKY NABIN CARD.
- Newly enrolled beneficiaries under NFSA/SFSS (RationCard) will continue to get auto enrolled under BSKY.
- BSKY beneficiaries will continue to get cashless treatment for both critical and non-critical diseases as before.

## BSKY NABIN

- All rural families (except regular government employees, government pensioners & income taxpayers) presently not covered under BSKY are eligible for "BSKY NABIN CARD".
- Beneficiaries with "BSKY NABIN CARD" are entitled to get cashless treatment for identified critical diseases *(Heart Diseases, Kidney Diseases, Liver diseases, Brain Stroke, Severe Head Injury, Brain Tumour, Burns Management, Nerve & Muscle Diseases & Cancer)* at all empanelled private hospitals both inside & outside Odisha.
- BSKY NABIN CARD will provide cashless treatment of Rs. 5 lakh per annum per family and additional Rs 5 lakh for women members of the family.
- BSKY NABIN CARD holders will get cashless coverage at empanelled private hospitals with effect from 1st May 2024.

## HOW TO ENROL FOR BSKY NABIN CARD

**Eligibility:** ***To qualify for registration under BSKY-NABIN, all family members must meet the following criteria:***

- **Residing in rural areas.**
- **No family member should be an income tax payer during FY 2022-23.**
- **No family member should be a regular government employee or government pensioner.**
- **No family member should be part of the existing BSKY beneficiaries / Ration Card holder.**

## DOCUMENT REQUIRED FOR REGISTRATION

- **Registration should be done in the name of the "Head of the Family."**
- **Any members above age of 18 can apply for BSKY-NABIN on behalf of family.**
- **The applicant must have an Aadhaar card, linked with an active mobile number.**
- **Aadhaar based E-KYC (Know your consumer) is mandatory for the applicant.**
- **Voter ID card (EPIC card) for all family members above 18 years of age.**
- **The applicant & HoF (Head of the Family) must have valid mobile number to receive important communications.**
- **Recent photograph of the applicant as well as Head of the Family (or captured directly by the system).**
- **Aadhaar card of all family members, including children under 5 years.**
- **In case Aadhaar card of children under 5 years is not available, an undertaking must be submitted to provide Aadhaar card number by 30.06.2024.**

## WHERE TO APPLY

**The eligible family can apply for BSKY-NABIN CARD in two (2) different modes.**

**Self-registration:** ***Applicant can visit to www.bskynabin.odisha.gov.in & do self-registration. Applicant may take help of helpdesk support for technical assistance.***

**Mo-Seva Kendra:** ***Applicant can visit to nearest MSK centre to apply for BSKY-NABIN CARD without any registration fees.***

***All applications are to be made online only. There will be no offline receipt of applications.***

## WHEN TO APPLY

**The registration portal at *www.bskynabin.odisha.gov.in* will open on the *6th of January 2024 and will close on 16th January 2024.***
***All applications must be submitted online between 6th and 16th January, 2024.***

**The BSKY scheme is being expanded in phases so that there is timely service delivery and optimal utilisation of public and private health facilities.**

**In subsequent phases of expansion, urban families as well as other left out categories including government servants and pensioners will be covered under BSKY, so as to fulfill the dream of our Hon'ble Chief Minister of providing universal health coverage for the people of Odisha.**

## HELPDESK SUPPORT

For any support, complaint and grievance related to registration process, applicant can call

**BSKY CARD HELPLINE: 155369**

# ବି.ଏସ୍.କେ.ୱାଇ
# ନବୀନ କାର୍ଡ



" ପ୍ରତିଟି ଜୀବନ ମୂଲ୍ୟବାନ "

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା




## ବର୍ତ୍ତମାନ ସୁଦ୍ଧା ବି.ଏସ୍.କେ.ୱାଇ କାର୍ଡ ଅନ୍ତର୍ଭୁକ୍ତ ପରିବାରମାନଙ୍କ ପାଇଁ

- ବର୍ତ୍ତମାନ ସୁଦ୍ଧା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ) ଓ ରେସନ୍ କାର୍ଡ ଅନ୍ତର୍ଭୁକ୍ତ ପରିବାରମାନଙ୍କ ନିମନ୍ତେ କାର୍ଡ ପାଇବା ପାଇଁ ଥିବା ଯୋଗ୍ୟତା ଏବଂ ମିଳୁଥିବା ଚିକିତ୍ସା ସହାୟତା ଆଦି ସର୍ତ୍ତରେ କୌଣସି ପରିବର୍ତ୍ତନ ହେବ ନାହିଁ । ସେମାନେ ବି.ଏସ୍.କେ.ୱାଇ ନବୀନ କାର୍ଡ ନିମନ୍ତେ ଆବେଦନ କରିବା ଆବଶ୍ୟକ ନାହିଁ ।
- ଜାତୀୟ ଖାଦ୍ୟ ନିରାପତ୍ତା ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ନୂଆ ଭାବେ ଅନ୍ତର୍ଭୁକ୍ତ ହେଉଥିବା ହିତାଧିକାରୀମାନେ ବର୍ତ୍ତମାନ ଚାଲୁ ରହିଥିବା ବି.ଏସ୍.କେ.ୱାଇରେ ସ୍ୱତଃ ଅନ୍ତର୍ଭୁକ୍ତ ହେବେ ।
- ବି.ଏସ୍.କେ.ୱାଇ ହିତାଧିକାରୀମାନେ ପୂର୍ବପରି ଘରୋଇ ହସ୍ପିଟାଲମାନଙ୍କରେ ସବୁ ପ୍ରକାର ରୋଗର ଦେୟମୁକ୍ତ ଚିକିତ୍ସା ପାଇପାରିବେ ।

## ବି.ଏସ୍.କେ.ୱାଇ ନବୀନ କାର୍ଡର ପ୍ରାବଧାନ

- ବର୍ତ୍ତମାନ ବି.ଏସ୍.କେ.ୱାଇ ଅନ୍ତର୍ଭୁକ୍ତ ହୋଇନଥିବା ସବୁ ଗ୍ରାମୀଣ ପରିବାର (ନିୟମିତ ସରକାରୀ କର୍ମଚାରୀ, ପେନସନଧାରୀ ଏବଂ ଆୟକର ଦାତାଙ୍କ ବ୍ୟତୀତ) ବି.ଏସ୍.କେ.ୱାଇ ନବୀନ କାର୍ଡ ପାଇଁ ଯୋଗ୍ୟ ବିବେଚିତ ହେବେ ।
- ବି.ଏସ୍.କେ.ୱାଇ ନବୀନ କାର୍ଡ ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ହସ୍ପିଟାଲମାନଙ୍କରେ ନିର୍ଦ୍ଧାରିତ ଗୁରୁତର (କ୍ରିଟିକାଲ) ରୋଗ ଗୁଡ଼ିକର ଦେୟମୁକ୍ତ ଚିକିତ୍ସା ପାଇବେ । ହୃଦ୍ ରୋଗ, କିଡନୀ ରୋଗ, ଲିଭର ରୋଗ, ବ୍ରେନ୍ ଷ୍ଟ୍ରୋକ, ଗମ୍ଭୀର ମସ୍ତିଷ୍କ କ୍ଷତ, ବ୍ରେନ୍ ଟ୍ୟୁମର, ପୋଡାଜଳା ଆହତ, ସ୍ନାୟୁ, ମାଂସପେଶୀ ଏବଂ କ୍ୟାନ୍ ସର ରୋଗ ଆଦିକୁ ଗୁରୁତର ( କ୍ରିଟିକାଲ ) ରୋଗ ଅନ୍ତର୍ଭୁକ୍ତ କରାଯାଇଛି । ବି.ଏସ୍.କେ.ୱାଇ ନବୀନ କାର୍ଡ ଧାରୀ ବ୍ୟକ୍ତିମାନେ ଓଡ଼ିଶା ଏବଂ ଓଡ଼ିଶା ବାହାର ଅନ୍ତର୍ଭୁକ୍ତ ହସ୍ପିଟାଲରେ ଏହିସବୁ ରୋଗର ଦେୟମୁକ୍ତ ଚିକିତ୍ସା ପାଇବେ ।
- ବି.ଏସ୍.କେ.ୱାଇ ନବୀନ କାର୍ଡରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା, ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପ୍ରାବଧାନ କରାଯାଇଛି ।
- ବି.ଏସ୍.କେ.ୱାଇ ନବୀନ କାର୍ଡ ମାଧ୍ୟମରେ ଏହି ସୁବିଧା ୨୦୨୪ ମସିହା ମେ ମାସ ୧ ତାରିଖ ଠାରୁ ପ୍ରାପ୍ତ ହେବ ।

## ବି.ଏସ୍.କେ.ୱାଇ ନବୀନ କାର୍ଡରେ ପଞ୍ଜୀକରଣ ପାଇଁ ଯୋଗ୍ୟତା ଓ ପ୍ରକ୍ରିୟା

**ଏହି କାର୍ଡ ନିମନ୍ତେ ପଞ୍ଜୀକରଣ ପାଇଁ ଏକ ପରିବାରର ସମସ୍ତ ସଦସ୍ୟ ନିମ୍ନ ସର୍ତ୍ତାବଳୀ ପୂରଣ କରୁଥିବା ଆବଶ୍ୟକ:**

- ସେମାନେ ସମସ୍ତେ ଗ୍ରାମାଞ୍ଚଳରେ ବସବାସ କରୁଥିବେ ।
- କୌଣସି ସଦସ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ଆୟକର ଦାତା ହୋଇନଥିବେ ।
- କୌଣସି ସଦସ୍ୟ ନିୟମିତ ସରକାରୀ କର୍ମଚାରୀ କିମ୍ବା ପେନ୍ ସନ୍ ଭୋଗୀ ହୋଇନଥିବେ ।
- କୌଣସି ସଦସ୍ୟ ବର୍ତ୍ତମାନ ଚାଲୁଥିବା ବି.ଏସ୍.କେ.ୱାଇ କାର୍ଡ / ରେସନ୍ କାର୍ଡ ଅନ୍ତର୍ଭୁକ୍ତ ହୋଇନଥିବେ ।

## ପଞ୍ଜୀକରଣ ପାଇଁ ଆବଶ୍ୟକୀୟ କାଗଜପତ୍ର

- ପରିବାରର ମୁଖ୍ୟଙ୍କ ନାମରେ ପଞ୍ଜୀକରଣ ହେବା ଆବଶ୍ୟକ ।
- ଗୋଟିଏ ପରିବାରର ୧୮ ବର୍ଷରୁ ଊର୍ଦ୍ଧ୍ୱ ଯେକୌଣସି ସଦସ୍ୟ ବି.ଏସ୍.କେ.ୱାଇ ନବୀନ କାର୍ଡ ନିମନ୍ତେ ପରିବାର ପକ୍ଷରୁ ଆବେଦନ କରିପାରିବେ ।
- ଦରଖାସ୍ତକାରୀଙ୍କର ସକ୍ରିୟ ମୋବାଇଲ ନମ୍ବର ସଂଯୁକ୍ତ ବିଧିସିଦ୍ଧ ଆଧାର କାର୍ଡ ଥିବା ଆବଶ୍ୟକ ।
- ଦରଖାସ୍ତକାରୀଙ୍କ ପାଇଁ ଆଧାର ଭିତ୍ତିକ ଇ- କେ.ୱାଇ.ସି ବାଧ୍ୟତାମୂଳକ ।
- ୧୮ ବର୍ଷରୁ ଊର୍ଦ୍ଧ୍ୱ ସବୁ ସଦସ୍ୟମାନଙ୍କର ଭୋଟ ପରିଚୟ ପତ୍ର ଥିବା ଆବଶ୍ୟକ ।
- ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ନିମନ୍ତେ ପରିବାର ମୁଖ୍ୟଙ୍କର ବିଧିସିଦ୍ଧ ସକ୍ରିୟ ମୋବାଇଲ ନମ୍ବର ଥିବା ଆବଶ୍ୟକ ।
- ଦରଖାସ୍ତକାରୀ ଏବଂ ପରିବାର ମୁଖ୍ୟଙ୍କର ସଦ୍ୟତମ ଫଟୋ ।
- ୫ ବର୍ଷରୁ କମ ପିଲାଙ୍କ ସମେତ ସବୁ ସଦସ୍ୟମାନଙ୍କର ଆଧାର କାର୍ଡ ।
- ଯଦି ୫ ବର୍ଷରୁ କମ୍ କୌଣସି ପିଲାଙ୍କର ଆଧାର ନମ୍ବର ନଥାଏ ତେବେ ତା ୩୦.୬.୨୦୨୪ ରିଖ ସୁଦ୍ଧା ସମ୍ପୃକ୍ତ ପିଲାଙ୍କର ଆଧାର ନମ୍ବର ଦାଖଲ ନିମନ୍ତେ ପ୍ରତିଜ୍ଞା ପତ୍ର (ଅଣ୍ଡରଟେକିଂ) ଦିଆଯିବା ଆବଶ୍ୟକ ।

## ବି.ଏସ୍.କେ.ୱାଇ ନବୀନ କାର୍ଡ ପାଇଁ କେମିତି ଆବେଦନ କରିବେ

**ନବୀନ କାର୍ଡ ପାଇଁ ଉପରୋକ୍ତ ସର୍ତ୍ତାବଳୀ ପୂରଣ କରୁଥିବା ଯୋଗ୍ୟ ପରିବାର ୨ ଟି ଉପାୟରେ ଆବେଦନ କରିପାରିବେ**

**ସ୍ୱ-ପଞ୍ଜୀକରଣ:** ଦରଖାସ୍ତକାରୀ *www.bskynabin.odisha.gov.in* ସାଇଟ୍ କୁ ଯାଇ ନିଜେ ପଞ୍ଜୀକରଣ କରିପାରିବେ । ଆବଶ୍ୟକ ହେଲେ ଦରଖାସ୍ତକାରୀ ସହାୟତା କେନ୍ଦ୍ର (ହେଲ୍ପ-ଡେସ୍କ) ର ବୈଷୟିକ ସହାୟତା ନେଇପାରିବେ ।

**ମୋ ସେବାକେନ୍ଦ୍ରରେ ପଞ୍ଜୀକରଣ:** ଦରଖାସ୍ତକାରୀ ମଧ୍ୟ ନିକଟବର୍ତ୍ତୀ ମୋ ସେବାକେନ୍ଦ୍ରରେ ବିନା ଦେୟରେ ପଞ୍ଜୀକରଣ କରିପାରିବେ ।

**ସମସ୍ତ ଦରଖାସ୍ତ କେବଳ ଅନଲାଇନ୍ ମାଧ୍ୟମରେ ଦାଖଲ ହେବ । କୌଣସି ଅଫଲାଇନ ବ୍ୟବସ୍ଥା ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।**

## କେବେ ଆବେଦନ କରିବେ

**ଆବେଦନ ପାଇଁ *www.bskynabin.odisha.gov.in* ପୋର୍ଟାଲ ତା ୬/୧/୨୦୨୪ ରିଖ ଦିନ ଖୋଲିବ ଏବଂ ତା ୧୬/୧/୨୦୨୪ ରିଖ ଦିନ ବନ୍ଦ ହେବ । ଏହି ସମୟ ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲ ହେବା ଆବଶ୍ୟକ ।**

**ସମୟଉପଯୋଗୀ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟରେ ସରକାରୀ ଓ ବେସରକାରୀ ହସ୍ପିଟାଲମାନଙ୍କରେ ଉପଲବ୍ଧ ସୁବିଧାର ସର୍ବାଧିକ ଉପଯୋଗ ସହ ପର୍ଯ୍ୟାୟକ୍ରମେ ବି.ଏସ୍.କେ.ୱାଇ ପରିସରକୁ ସମ୍ପ୍ରସାରିତ କରାଯାଉଛି ।
ଓଡ଼ିଶାର ଜନସାଧାରଣଙ୍କ ପାଇଁ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନ ।
ଏଥି ନିମନ୍ତେ ପରବର୍ତ୍ତୀ ସମ୍ପ୍ରସାରଣ ପର୍ଯ୍ୟାୟରେ ସହରାଞ୍ଚଳରେ ବାସ କରୁଥିବା ପରିବାର, ସରକାରୀ କର୍ମଚାରୀ, ପେନସନ ଭୋଗୀ ଏବଂ ଅନ୍ୟାନ୍ୟ ସହାୟତା-ଯୋଗ୍ୟ ବର୍ଗମାନଙ୍କୁ ସାମିଲ କରାଯିବା ପ୍ରସ୍ତାବ ଉପରେ ନୀତିଗତ ନିଷ୍ପତ୍ତି ନିଆଯାଇଛି ।**

### ହେଲ୍ପ-ଡେସ୍କ ସହାୟତା

ଦରଖାସ୍ତ ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧିତ କୌଣସି ସହାୟତା, ଆପତ୍ତି ଓ ଅଭିଯୋଗ ଆଦି ନିମନ୍ତେ ଦରଖାସ୍ତକାରୀ ବି.ଏସ୍.କେ.ୱାଇ କାର୍ଡ ସହାୟତା ନମ୍ବର - ୧୫୫୩୬୯ କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିପାରିବେ ।